ଓଡିଶା ରାଜ୍ୟ ସଡକ ପରିବହନ ନିଗମ, ଭୁବନେଶ୍ୱର ,

ନଂ...5230(ଜ)/ଭୁବନେଶ୍ୱର ତା...17...୦୪.୨୦୧୮

## ବିଜ୍ଞାପନ

ଓଡିଶା ରାଜ୍ୟ ସଡକ ପରିବହନ ନିଗମରେ ଥିବା ଶାଖା ଗୁଡିକ ପାଇଁ ଦରକାର ହେଉଥିବା ଚୁକ୍ତିଭିତ୍ତିକ ଡ୍ରାଇଭର ମାସିକ ପାରିଶ୍ରମିକ ଟ.୧୦,୫୬୦/- ହାରରେ ଏବଂ ଚୁକ୍ତି ଭିତ୍ତିକ କଣ୍ଡକ୍ଟର ମାସିକ ପାରିଶ୍ରମିକ ଟ.୮,୬୪୦/-ହାରରେ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି କୃତକାର୍ଯ୍ୟ ହେଲେ ଉକ୍ତ ଚୁକ୍ତିଭିତ୍ତିକ କଣ୍ଡକ୍ଟର ଓ ଚୁକ୍ତିଭିତ୍ତିକ ଡ୍ରାଇଭର ମାନଙ୍କୁ ନିମ୍ନଲିଖିତ ମଣ୍ଡଳ ଅଧିନରେ ଥିବା ଶାଖା ମାନଙ୍କରେ ଅବସ୍ଥାପିତ କରାଯିବ ।

ନିମ୍ନଲିଖିତ ସର୍ତ୍ତାବଳୀ ପୂରଣ କରିଥିବା ପ୍ରାର୍ଥୀମାନେ ନିଗମର ଶାଖା ଜିଲ୍ଲା ପରିବହନ ପରିଚାଳକଙ୍କ ନିକଟରେ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁସାରେ ସଂଲଗ୍ନିତ ଦରଖାସ୍ତ ଫର୍ମ ଦାଖଲ କରିବା ସହ ସାକ୍ଷାତ କାର ଦେଇପାରିବେ ।

ସମୟ:-ଦିବା ୧୧ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ

| କାର୍ଯ୍ୟସୂଚୀ | ତାରିଖ | ଚୟନ ହେବାକୁଥିବା ପଦବୀ |
|---|---|---|
| **ଭୁବନେଶ୍ୱର ମଣ୍ଡଳ** | | |
| ୧,ଜିଲ୍ଲା ପରିବହନ ପରିଚାଳକ(ମାଳତୀପାଟପୁର)- | ତା ୧.୫.୧୮ | ଡ୍ରାଇଭର ଓ କଣ୍ଡକ୍ଟର |
| ୨.ଜିଲ୍ଲାପରିବହନ ପରିଚାଳକ,ଭୁବନେଶ୍ୱର- | ତା ୩.୫.୧୮ | ଡ୍ରାଇଭର ଓ କଣ୍ଡକ୍ଟର |
| ୩.ଜିଲ୍ଲାପରିବହନ ପରିଚାଳକ,କଟକ - | ତା ୫.୫.୧୮ | ଡ୍ରାଇଭର ଓ କଣ୍ଡକ୍ଟର |
| ୪.ଜିଲ୍ଲା ପରିବହନ ପରିଚାଳକ, କେନ୍ଦୁଝର- | ତା ୮.୫.୧୮ | ଡ୍ରାଇଭର ଓ କଣ୍ଡକ୍ଟର |
| ୫, ଜିଲ୍ଲା ପରିବହନ ପରିଚାଳକ,ଅନୁଗୁଳ- | ତା ୧୧.୫.୧୮ | ଡ୍ରାଇଭର ଓ କଣ୍ଡକ୍ଟର |
| **ସମ୍ବଲପୁର ମଣ୍ଡଳ** | | |
| ୬.ଜିଲ୍ଲା ପରିବହନ ପରିଚାଳକ,ସମ୍ବଲପୁର | ତା.୧.୫..୧୮ | ଡ୍ରାଇଭର ଓ କଣ୍ଡକ୍ଟର |
| ୭.ଜିଲ୍ଲା ପରିବହନ ପରିଚାଳକ,ରାଉରକେଲା | ତା ୩.୫.୧୮ | ଡ୍ରାଇଭର ଓ କଣ୍ଡକ୍ଟ |
| ୮.ଜିଲ୍ଲା ପରିବହନ ପରିଚାଳକ,ସୁନ୍ଦରଗଡ | ତା.୪.୫.୧୮ | ଡ୍ରାଇଭର ଓ କଣ୍ଡକ୍ଟର |

୯.ଜିଲ୍ଲା ପରିବହନ ପରିଚାଳକ,ଦେଓଗଡ,     ତା.୫.୫.୧୮     ଡ୍ରାଇଭର ଓ କଣ୍ଡକ୍ଟର

୧୦.ଜିଲ୍ଲା ପରିହବନ ନରିଚାଳକ,ବରଗଡ     ତା ୮.୫.୧୮     ଡ୍ରାଇଭର ଓ କଣ୍ଡକ୍ଟର

୧୧.ଜିଲ୍ଲା ପରିବହନ ପରିଚାଳକ,ପଦ୍ମପୁର     ତା.୯.୫.୧୮     ଡ୍ରାଇଭର ଓ କଣ୍ଡକ୍ଟର

୧୨.ଜିଲ୍ଲା ପରିବହନ ପରିଚାଳକ,ନୂଆପଡା     ତା.୧୦.୫.୧୮     ଡ୍ରାଇଭର ଓ କଣ୍ଡକ୍ଟର

୧୩.ଜିଲ୍ଲା ପରିବହନ ପରିଚାଳକ,ବଲାଙ୍ଗିରୀ     ତା.୧୧.୫.୧୮     ଡ୍ରାଇଭର ଓ କଣ୍ଡକ୍ଟର

ବ୍ରହ୍ମପୁର ମଣ୍ଡଳ

୧୪.ଜିଲ୍ଲା ପରିବହନ ପରିଚାଳକ, ବ୍ରହ୍ମପୁର     ତା୧.୫.୧୮     ଡ୍ରାଇଭର ଓ କଣ୍ଡକ୍ଟର

୧୫.ଜିଲ୍ଲା ପରିବହନ ପରିଚାଳକ, ଭଞ୍ଜନଗର     ତା ୩.୫.୧୮     ଡ୍ରାଇଭର ଓ କଣ୍ଡକ୍ଟର

୧୬.ଜିଲ୍ଲା ପରିବହନ ପରିଚାଳକ,ଫୁଲବାଣୀ     ତା.୪.୫.୧୮     ଡ୍ରାଇଭର ଓ କଣ୍ଡକ୍ଟର

୧୭.ଜିଲ୍ଲା ପରିବହନ ପରିଚାଳକ, ଭବନୀପାଟଣା     ତା.୫.୫.୧୮     ଡ୍ରାଇଭର ଓ କଣ୍ଡକ୍ଟର

୧୮.ଜିଲ୍ଲା ପରିବହନ ପରିଚାଳକ, ଜୟପୁର     ତା.୮.୫.୧୮     ଡ୍ରାଇଭର ଓ କଣ୍ଡକ୍ଟର

୧୯.ଜିଲ୍ଲା ପରିବହନ ପରିଚାଳକ,ମାଲକାନଗିରୀ     ତା ୯.୫.୧୮     ଡ୍ରାଇଭର ଓ କଣ୍ଡକ୍ଟର

୨୦.ଜିଲ୍ଲା ପରିବହନ ପରିଚାଳକ, ନବରଙ୍ଗପୁର     ତା.୧୦.୫.୧୮     ଡ୍ରାଇଭର ଓ କଣ୍ଡକ୍ଟର

୨୧.ଜିଲ୍ଲାପରିବହନ ପରିଚାଳକ, ବିଜୟନଗରମ     ତା.୧୧.୫.୧୮     ଡ୍ରାଇଭର ଓ କଣ୍ଡକ୍ଟର

୨୨. ଜିଲ୍ଲାପରିବହନ ପରିଚାଳକ, ରାୟଗଡା     ତା ୧୪.୫.୧୮     ଡ୍ରାଇଭର ଓ କଣ୍ଡକ୍ଟର

୨୩. ଜିଲ୍ଲାପରିବହନ ପରିଚାଳକ, ପାରଳାଖେମୁଣ୍ଡି     ତା ୧୬.୫.୧୮     ଡ୍ରାଇଭର ଓ କଣ୍ଡକ୍ଟର

**ସର୍ତ୍ତାବଳୀ:-**

ଡ୍ରାଇଭର ପଦବୀ ନିମନ୍ତେ :-

୧.ବୈଧ ହେଭି ପବ୍ଲକ୍ ଭେଇକିଲ ଡ୍ରାଇଭିଂ ଲାଇସେନ୍ସ ।

୨. ପବ୍ଲିକ ସର୍ଭିସ ବ୍ୟାଚ ଏବଂ ଫାଷ୍ଟଏଡ ସାର୍ଟିଫିକେଟ

୩.ଅତିକମରେ 3 ବର୍ଷ ପବ୍ଲିକ ବସ ଚଳାଇବା ଅଭିଜ୍ଞତା

୪. ଦୃଷ୍ଟିଶକ୍ତି ଠିକଥିବା ସର୍ବନିମ୍ନ ଉଚ୍ଚତା 5.3 ଏବଂ ଛାତିର ସର୍ବନିମ୍ନ ପ୍ରଶସ୍ତି 32 ରୁ 34 ଥିବା ଦରକାର

୫. ଜାତିଗତ ପ୍ରମାଣପତ୍ର ।

୬.ଶିକ୍ଷାଗତ ପ୍ରମାଣପତ୍ର

୭. ଅନ୍ୟାନ୍ୟ ଯୋଗ୍ୟତା ତଥା ଅଭିଜ୍ଞତା ଯଦିଥାଏ ତାର ପ୍ରମାଣପତ୍ର

୮. ସରକାରୀ ଟ୍ରେନିଂସ୍କୁଲରୁ ଗାଡିଚାଳନା ତାଲିମ ପାଇଥିବା ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଦିଆଯିବ

୯.ଦୁଇଗୋଟି ପାସପୋର୍ଟ ଫଟୋଗ୍ରାଫ ଏବଂ ଅଧାର କାର୍ଡର ନକଲ ।

୧୦.ପ୍ରାଥୀଙ୍କ ବୟସ ୧.୫.୨୦୧୮ ସୁଦ୍ଧା ୨୧ ବର୍ଷ ରୁ ଉର୍ଦ୍ଧ ଏବଂ ୪୦ ବର୍ଷରୁ କମ୍ ହୋଇଥିବା ଦରକାର । ଆବଶ୍ୟକସ୍ଥଳେ ଉପଲବ୍ଧ ଅଧିକଥିଲେ ଡ୍ରାଇଭର ପଦବୀ ନିମନ୍ତେ ସର୍ବୋଚ୍ଚ ବୟସ ସୀମା ୫ ବର୍ଷ କୋହଳ କରାଯାଇପାରେ ।

୧୧. ଯୋଗ୍ୟ ବିବେଚିତ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ସମୟରେ ଟ.୧୦,୦୦୦(ଦଶ ହଜାର ଟଙ୍କା) ଅମାନତ ଜମା କରିବାକୁ ପଡିବ ।

୧୨.ସରକାରୀ ନିୟମ ଅନୁସାରେ ବିଭିନ୍ନ ବର୍ଗର ପ୍ରାର୍ଥୀମାନଙ୍କୁ ସଂରକ୍ଷଣ ଭିତ୍ତିରେ ନିଯୁକ୍ତି ଦିଆଯିବ

**କଣ୍ଡକ୍ଟର ପଦବୀ ନିମନ୍ତେ:-**

୧. ପ୍ରାର୍ଥୀ ଅନୁନ୍ୟ HSC ଉର୍ତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ ।

୨. ବୈଧ କଣ୍ଡକ୍ଟର ଲାଇସେନ୍ସ,ବ୍ୟାଚ ଓ ଫାଷ୍ଟଏଡ ସାର୍ଟିଫିକେଟ ।

୩. ଦୃଷ୍ଟିଶକ୍ତି ଠିକ୍‌ଥିବା ସର୍ବନିମ୍ନ ଉଚ୍ଚତା ୫'.୨" ଏବଂ ଛାତିର ସର୍ବନିମ୍ନ ପ୍ରଶସ୍ତି ୩୨" ରୁ ୩୪" ଥିବା ଦରାକର ।

୪. ଜାତିଗତ ପ୍ରମାଣପତ୍ର ।

୫. ଶିକ୍ଷାଗତ ପ୍ରମାଣ ପତ୍ର ।

୬. ଅନ୍ୟାନ୍ୟ ଯୋଗ୍ୟତା ତଥା ଅଭିଜ୍ଞତା ଯଦି ଥାଏ ତାର ପ୍ରମାଣ ପତ୍ର ।

୭.ଦୁଇଗୋଟି ପାସପୋର୍ଟ ଫଟୋଗ୍ରାଫ ଏବଂ ଆଧାର କାର୍ଡର ନକଲ ।

୮.କମ୍ପୁଟର ଯୋଗ୍ୟତା /ଟ୍ରେନିଂ (DCA) ନେଇଥିବା ପ୍ରମାଣ ପତ୍ର । କମ୍ପୁଟର ଟ୍ରେନିଙ୍ଗ ଓ ଇ.ଟି.ଏମ୍ ମେସିନ ଚଳାଇବାର ଅଭିଜ୍ଞତା ଥିବା ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦିଆଯିବ । ଆବଶ୍ୟକସ୍ଥଳେ ସେମାନଙ୍କୁ କମ୍ପୁଟର ଚାଳକଭାବେ ନିୟୋଜିତ କରାଯାଇପାରେ ।

୯.ପ୍ରାର୍ଥୀଙ୍କ ବୟସ ୧.୫.୨୦୧୮ ସୁଦ୍ଧା ୨୧ ରୁ ଊର୍ଦ୍ଧ ଏବଂ ୩୨ ବର୍ଷରୁ କମ୍ ହୋଇଥିବା ଦରକାର । ସରକାରଙ୍କ ନିୟମ ଅନୁଯାୟୀ ବିଭିନ୍ନ ବର୍ଗରପ୍ରାର୍ଥୀମାନଙ୍କୁ ବୟସ ସୀମା କୋହଳ କରାଯିବ ।

୧୦. ଯୋଗ୍ୟ ବିବେଚିତ ପ୍ରାର୍ଥୀମାନଙ୍କୁ ଟ.୩୦.୦୦୦/- (ତିରିଶି ହଜାର ଟଙ୍କା) (୨୫,୦୦୦ ହଜାର ଟଙ୍କା ଅମାନତ ଜମା ଓ ଟ.୫,୦୦୦/-ଟଙ୍କା ରେଜିଷ୍ଟ୍ରସନ ଫିସ ଅଫେରସ୍ତ ଯୋଗ୍ୟ ଅଟେ ) ଜମା କରିବାକୁ ପଡିବ । ମାତ୍ର ନିଯୁକ୍ତି ସମୟରେ ଟ.୧୫,୦୦୦/- ଟଙ୍କା ( ଟ.୧୦,୦୦୦/- ଅମାନତ ଜମା ଓ ଟ.୫,୦୦୦/-ଟଙ୍କା ରେଜିଷ୍ଟ୍ରସନ ଫିସ ଅଫେସସ୍ତ ଯୋଗ୍ୟ )ଜମା କରିବାକୁ ହେବ ଏବଂ ବାକି ଟ.୧୫,୦୦୦/-(ପନ୍ଦର ହଜାର ଟଙ୍କା) ଅମାନତ ଜମା ବାବଦ ମାସିକ ଟ.୧୦୦୦/-(ଏକ ହଜାର ଟଙ୍କା) ହିସାବରେ ଦରମାରୁ କଟା ହେବ ।

୧୧.ସରକାରୀ ନିୟମ ଅନୁସାରେ ବିଭିନ୍ନ ବର୍ଗର ପ୍ରାର୍ଥୀମାନଙ୍କୁ ସଂରକ୍ଷଣ ଭିତ୍ତିରେ ନିଯୁକ୍ତି ଦିଆଯିବ ।

ଏହାର ସବିଶେଷ ବିବରଣୀ OSRTC ,web site www osrtc.in ରେ ଉପଲବ୍ଧ ।

ଅଧକ୍ଷ୍ୟ ତଥା ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶକ୍ରମେ

୧୬.୦୪.୧୮

ସାଧାରଣ ପରିଚାଳକ(ପ୍ରଶାସନ)

ଓଡିଶା ରାଜ୍ୟ ସଡକ ପରବହନ ନିଗମ,ଭୁବନେଶ୍ୱର